ପ୍ରମେୟ
THE PRAMEYA

19-11-2019

# ସିଙ୍ଗାପୁରର ଦୁଇ ବିଶ୍ୱବିଦ୍ୟାଳୟ ବୁଲିଲେ ଆଇଆଇଟି ଭୁବନେଶ୍ୱର ଟିମ୍

ଭୁବନେଶ୍ୱର,୧୮।୧୧(ବ୍ୟୁରୋ): ସିଙ୍ଗାପୁରର ନନ୍ୟାଙ୍ଗ ଟେକ୍ନୋଲୋଜିକାଲ୍ ବିଶ୍ୱବିଦ୍ୟାଳୟ (ଏନ୍‌ଟିୟୁ) ଓ ନ୍ୟାସନାଲ୍ ୟୁନିଭର୍ସିଟି ଅଫ୍ ସିଙ୍ଗାପୁର (ଏନ୍‌ୟୁଏସ୍) ପରିଦର୍ଶନ କରିଛନ୍ତି ଆଇଆଇଟି ଭୁବନେଶ୍ୱରର ଏକ ଟିମ୍। ଆଇଆଇଟି ନିର୍ଦ୍ଦେଶକ ପ୍ରଫେସର ଆର୍.ଭି ରାଜାକୁମାରଙ୍କ ସହ ତିନ୍‌ମାନେ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ସିଙ୍ଗାପୁର ଯାଇ ଏହି ଦୁଇଟି ବିଶ୍ୱବିଦ୍ୟାଳୟ ବୁଲିଥିଲେ। ଏହା ସହ ଏହି ଟିମ୍ ଏ ଷ୍ଟାର୍ ଅଧୀନରେ ଥିବା ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁସନ୍ ଗୁଡ଼ିକୁ ମଧ୍ୟ ବୁଲିଥିଲେ। ଏନ୍‌ଟିୟୁ ସହ ଆଇଆଇଟି ଭୁବନେଶ୍ୱର ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ସଭାପତି ପ୍ରଫେସର ସୁବ୍ର ସୁରେଶ, ଉପସଭାପତି ପ୍ରଫେସର ସୁବୋଧ ମହିସଲକର, ପ୍ରଫେସର ବି.ଭି.ଆର୍ ଚୌଧୁରୀଙ୍କ ସହ ନିର୍ଦ୍ଦେଶକ ପ୍ରଫେସର ରାଜାକୁମାର  ଶିକ୍ଷା ଓ ଗବେଷଣା ଉପରେ ଆଲୋଚନା କରିଥିଲେ। ଏସମ୍ପର୍କରେ ପ୍ରଫେସର ରାଜାକୁମାର କହିଛନ୍ତି, ଏହି ପରିଦର୍ଶନର ଅନୁଭୂତି ଆଗକୁ ବହୁତ କାର୍ଯ୍ୟରେ ଆସିବ। ଶିକ୍ଷାନୁଷ୍ଠାନରେ ଫ୍ୟାକ୍ଲ୍ଟି ଷ୍ଟଡି, କୋର୍ସ ସେୟାରିଂ, ଯୁଗ୍ମ ଗବେଷଣା ଉପରେ ଅନେକ କିଛି ଶିଖିବାକୁ ମିଳିଥିଲା। ତେବେ ଏହି ଶିକ୍ଷାନୁଷ୍ଠାନକୁ ଆଗାମୀ ଦିନରେ ବିଭିନ୍ନ ଅଧ୍ୟାପକଙ୍କୁ ପରିଦର୍ଶନ ପାଇଁ ପଠାଯିବ। ଅନ୍ୟପକ୍ଷରେ ଏହି ଟିମ୍ ପ୍ୟାନ୍-ଆଇଆଇଟି ସିଙ୍ଗାପୁର ଆଲୁମ୍ନି ଆସୋସିଏସନ୍ ସହ ମଧ୍ୟ ସାକ୍ଷାତ କରିଥିଲେ। ଆସୋସିଏସନ୍‌ର ବାର୍ଷିକ ବୈଠକରେ ପ୍ରଫେସର ରାଜାକୁମାର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।